


# ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା

(କମ୍ ପ୍ରିମିୟମ ଦର, ଅଧିକ ଲାଭ)

## ପ୍ରମୁଖ ଆଭିମୁଖ୍ୟ

- ପ୍ରାକୃତିକ ବିପର୍ଯ୍ୟୟ ଅଥବା ରୋଗପୋକ ଆକ୍ରମଣ ଯୋଗୁଁ ଫସଲ ନଷ୍ଟ ହେଲେ କୃଷକଙ୍କ କ୍ଷତି ଭରଣା କରିବା ଏହି ଯୋଜନାର ଆଭିମୁଖ୍ୟ । ଏଥିସହିତ କୃଷକମାନଙ୍କ ଆୟକୁ ବଜାୟ ରଖି କୃଷି କ୍ଷେତ୍ର ପ୍ରତି ସେମାନଙ୍କ ମନରେ ଆଗ୍ରହ ସୃଷ୍ଟି କରିବା ଏହାର ଲକ୍ଷ୍ୟ ଅଟେ ।

- ଆଗାମୀ ଖରିଫ୍ ଋତୁ (୨୦୧୬ ମସିହା)ଠାରୁ ଆରମ୍ଭ ହେଉଛି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ।

## ବୀମାଭୁକ୍ତ ଫସଲ

- ଆଗାମୀ ଖରିଫ୍ ଋତୁ ପାଇଁ ଆମ ରାଜ୍ୟରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧିନରେ ଧାନ, ଚିନାବାଦାମ, କପା, ହଳଦୀ ଓ ଅଦା ଫସଲକୁ ଅନ୍ତର୍ଭୁକ୍ତ କରାଯାଇଛି ।
- ଧାନ ଫସଲ ପାଇଁ ଗ୍ରାମ ପଞ୍ଚାୟତକୁ ଏକକ ଭାବେ ଗ୍ରହଣ କରାଯାଇଥିବା ବେଳେ ଅନ୍ୟାନ୍ୟ ଫସଲ ନିମନ୍ତେ ବ୍ଲକ୍‌କୁ ଏକକ ଭାବେ ଗ୍ରହଣ କରାଯାଇଛି ।

## ଅଞ୍ଚଳ ଅନୁସାରେ ବୀମାଭୁକ୍ତ ଫସଲ

| ଫସଲ | ବୀମାଭୁକ୍ତ ଅଞ୍ଚଳର ନାମ |
|---|---|
| ଧାନ | ସମସ୍ତ ୩୦ଟି ଜିଲ୍ଲାର ସମସ୍ତ ଗ୍ରାମ ପଞ୍ଚାୟତ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ମୁନିସିପାଲିଟି ଅଞ୍ଚଳ |
| ଚିନାବାଦାମ | ଅନୁଗୋଳ, ବଲାଙ୍ଗୀର, ଢେଙ୍କାନାଳ, ଗଞ୍ଜାମ, କଳାହାଣ୍ଡି, ନୂଆପଡ଼ା, ବରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ଗଜପତି ଜିଲ୍ଲାର ସମସ୍ତ ବ୍ଲକ୍ |

## ଅଞ୍ଚଳ ଅନୁସାରେ ବୀମାଭୁକ୍ତ ଫସଲ

| ଫସଲ | ଜିଲ୍ଲା | ବ୍ଲକ୍ |
|---|---|---|
| କପା | ବଲାଙ୍ଗିର | ବଲାଙ୍ଗିର, ଦେଓଗାଁ, ଗୁଡ଼ଭେଲ୍ଲା, ଲୋଇସିଙ୍ଗା, ଟିଟିଲାଗ ସଇଁତଳା, ମୁରିବାହାଲ, ବଙ୍ଗମୁଣ୍ଡା, ତୁରେଇକେଲା, ବେଲପା ପାଟଣାଗଡ଼ ଓ ଖପ୍ରାଖୋଲ |
| | ଗଞ୍ଜାମ | ସାନଖେମୁଣ୍ଡି, ଦିଗପହଣ୍ଡି, ସେରଗଡ଼ ଓ ସୋରୋଡ଼ା |
| | କଳାହାଣ୍ଡି | ଗୋଲାମୁଣ୍ଡା, ଭବାନିପାଟଣା, କେସିଙ୍ଗା, ଲାଞ୍ଜିଗଡ଼, ମ.ରାମପୁ ନର୍ଲା, ଜୁନାଗଡ଼ ଓ କର୍ଲାମୁଣ୍ଡା |
| | ରାୟଗଡ଼ା | ରାୟଗଡ଼ା, କୋଲନରା, କଲ୍ୟାଣସିଂପୁର, ଗୁଣୁପୁର, ପଦମପୁ ରମଣଗୁଡ଼ା, ବିଷମକଟକ ଓ ମୁନିଗୁଡ଼ା |
| | ନୂଆପଡ଼ା | ଖରିଆର, କୋମନା ଓ ବୋଡ଼େନ |
| | ଗଜପତି | କାଶିନଗର ଓ ରାୟଗଡ଼ |
| | ସୁବର୍ଣ୍ଣପୁର | ବୀରମହାରାଜପୁର ଓ ତରଭା |

**କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରାଳୟ, ଭାରତ ସରକାର**

**କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ**



# ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା

(କମ୍ ପ୍ରିମିୟମ ଦର, ଅଧିକ ଲାଭ)

## ଅଞ୍ଚଳ ଅନୁସାରେ ବୀମାଭୁକ୍ତ ଫସଲ

| ଫସଲ | ଜିଲ୍ଲା | ବ୍ଲକ୍ |
|---|---|---|
| ହଳଦୀ | କଂଧମାଳ | ଫୁଲବାଣୀ, ଖଜୁରିପଡ଼ା, ଫିରିଙ୍ଗିଆ, ଦାରିଙ୍ଗିବାଡ଼ି, ରାଇକିଆ, ଜି.ଉଦୟଗିରି, ଚକାପାଦ, କେ-ନୂଆଗାଁ, ଟିକାବାଲି, କୋଟଗଡ଼, ବାଲିଗୁଡ଼ା ଓ ତୁମୁଡ଼ିବଂଧ |
| ଅଦା | କଂଧମାଳ | ଫୁଲବାଣୀ, ଖଜୁରିପଡ଼ା, ଫିରିଙ୍ଗିଆ, ଦାରିଙ୍ଗିବାଡ଼ି, ରାଇକିଆ, ଜି.ଉଦୟଗିରି, ଚକାପାଦ, କେ.ନୂଆଗାଁ, ଟିକାବାଲି, କୋଟଗଡ଼, ବାଲିଗୁଡ଼ା ଓ ତୁମୁଡ଼ିବଂଧ |
| | କୋରାପୁଟ | ନନ୍ଦପୁର, କୋରାପୁଟ, ସିମିଳିଗୁଡ଼ା, ପଟ୍ଟାଙ୍ଗି ଓ ଲକ୍ଷ୍ମୀପୁର |
| | ସଂବଲପୁର | କୁଚୁମରା ଓ କୁଚିଣ୍ଡା |

## କିପରି ଏହି ଯୋଜନାରେ ଭାଗ ନେବେ

- ଖରିଫ ଋତୁ ପାଇଁ ତାଲିକାଭୁକ୍ତ କରାଯାଇଥିବା ଫସଲକୁ ପୂର୍ବ ବର୍ଣ୍ଣିତ ଅଞ୍ଚଳରେ ଚାଷ କରୁଥିବା ସମସ୍ତ ଆଗ୍ରହୀ ଚାଷୀମାନେ (ଋଣ ନେଇଥିବା ଓ ନେଇ ନଥିବା) ଏହି ଯୋଜନାରେ ଭାଗ ନେଇପାରିବେ । ଅବଶ୍ୟ କିଷାନ କ୍ରେଡ଼ିଟ କାର୍ଡ଼ ଥିବା ଅଥବା ବ୍ୟାଙ୍କ୍ ବା ସମବାୟ ସଂସ୍ଥାରୁ ଋଣ ନେଇଥିବା ଚାଷୀମାନେ ଏହି ଯୋଜନାରେ ଯୋଗ ଦେବାକୁ ବାଧ୍ୟ ଅଟନ୍ତି ।
- କିଷାନ କ୍ରେଡ଼ିଟ କାର୍ଡ଼ ଥିବା ଅଥବା ଋଣୀ ଚାଷୀମାନଙ୍କ କ୍ଷେତ୍ରରେ ସଂପୃକ୍ତ ବ୍ୟାଙ୍କ୍ ବା ସମବାୟ ସଂସ୍ଥା ତରଫରୁ ପ୍ରିମିଅମ ପରିମାଣ ଚାଷୀଙ୍କ ଏକାଉଣ୍ଟରୁ କଟାଯାଇ ବୀମା ସଂସ୍ଥାକୁ ପ୍ରଦାନ କରାଯିବ । ଅଣଋଣୀ କୃଷକମାନେ ନିକଟସ୍ଥ ବ୍ୟାଙ୍କ୍ ଶାଖା ବା ବୀମା କମ୍ପାନୀ ଏଜେଣ୍ଟଙ୍କ ସହିତ ଯୋଗାଯୋଗ କରି ପ୍ରିମିଅମ୍ ଅର୍ଥ ପ୍ରଦାନ କରିପାରିବେ ।

## ବୀମାକୃତ ରାଶି


- ଜିଲ୍ଲାସ୍ତରୀୟ ବୈଷୟିକ କମିଟି ଦ୍ୱାରା ପ୍ରତି ଫସଲ ପାଇଁ ଅମଳ ମୂଲ୍ୟ ନିର୍ଦ୍ଧାରଣ କରାଯାଇଥାଏ । ବିଗତ ବର୍ଷ ମାନଙ୍କର ଫସଲ ଅମଳକୁ ନଜରରେ ରଖି ଏହି ମୂଲ୍ୟ ନିର୍ଦ୍ଧାରଣ କରାଯାଏ । ସଂପୃକ୍ତ ଫସଲ ପାଇଁ ଏହି ଅମଳ ମୂଲ୍ୟ ବା ଋଣ ନେଇଥିବା ଅର୍ଥ ପରିମାଣକୁ ବୀମାରାଶି ଭାବେ ଗ୍ରହଣ କରାଯାଇଥାଏ ।

## ଖରିଫ୍ ଋତୁପାଇଁ ବୀମା ପ୍ରିମିୟମ୍

| ଫସଲ | କୃଷକମାନଙ୍କ ଦ୍ୱାରା ଦେବାକୁ ଥିବା ସର୍ବାଧିକ ବୀମାଦେୟ (ବୀମାକୃତ ରାଶିର ଶତକଡ଼ା ଭାଗ) |
|---|---|
| ଧାନ ଓ ଚିନାବାଦାମ | ବୀମାକୃତ ରାଶିର ୨ % ବା ପ୍ରକୃତ ବୀମା ପ୍ରିମିୟମ୍ ଯେଉଁଟି କମ୍ ହେବ |
| କପା, ଅଦା ଓ ହଳଦୀ | ବୀମାକୃତ ରାଶିର ୫ % ବା ପ୍ରକୃତ ବୀମା ପ୍ରିମିୟମ୍ ଯେଉଁଟି କମ୍ ହେବ |

**କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରାଳୟ, ଭାରତ ସରକାର**

**କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ**



# ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା

(କମ୍ ପ୍ରିମିୟମ ଦର, ଅଧିକ ଲାଭ)

## କେଉଁ କ୍ଷତି ଭରଣା କରାଯିବ ?

- ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧିନରେ ବିଭିନ୍ନ କାରଣରୁ ଫସଲ ଅମଳ ପରିମାଣ ହ୍ରାସ ପାଇଲେ ତାହାର କ୍ଷତି ଭରଣା କରାଯିବ । ଅଗ୍ନ୍ୟୁତ୍ପାତ, ଘଡ଼ଘଡ଼ି, ଝଡ଼ବାତ୍ୟା, କୁଆପଥର ବୃଷ୍ଟି, ଘୂର୍ଣ୍ଣିବାତ୍ୟା, ବନ୍ୟା, ଜଳାର୍ଣ୍ଣବ, ଭୂସ୍ଖଳନ, ମରୁଡ଼ି, ବୃଷ୍ଟିହୀନତା ତଥା ରୋଗ ଓ ପୋକ ଆକ୍ରମଣ ଯୋଗୁଁ ଫସଲ ଅମଳ କମିଗଲେ ଏହାର କ୍ଷତିପୂରଣ ପ୍ରଦାନ କରାଯିବ ।
- ଫସଲ ଅମଳ ପରେ ଜମିରେ ରହିଥିଲେ ୧୪ ଦିନ ମଧ୍ୟରେ ଯଦି ଝଡ଼ବାତ୍ୟା, ଅଦିନିଆ ବର୍ଷା ବା ଘୂର୍ଣ୍ଣିବାତ୍ୟା ଦ୍ୱାରା ନଷ୍ଟ ହୁଏ ତେବେ ଏହି କ୍ଷତି ଭରଣା କରାଯିବ ।

## ବୀମାକରଣ ପ୍ରକ୍ରିୟାର ସମୟସୂଚୀ

| କ୍ର.ନଂ. | କାର୍ଯ୍ୟକ୍ରମ | ଖରିଫ ଋତୁ ପାଇଁ ସମୟସୂଚୀ |
|---|---|---|
| ୧ | ଫସଲ ବୀମା ୱେବସାଇଟରେ ଆବଶ୍ୟକୀୟ ତଥ୍ୟ ପ୍ରଦାନ | ତଥ୍ୟ ବିଜ୍ଞପିତ (**Notified**) ହେବାର ଏକ ସପ୍ତାହ ମଧ୍ୟରେ |
| ୨ | ବାଧ୍ୟତାମୂଳକ ଭାବେ ଯୋଗ ଦେଉଥିବା ଋଣୀ ଚାଷୀଙ୍କୁ ଋଣ ପ୍ରଦାନ ସମୟ | ୨୦୧୬ ମସିହା ଏପ୍ରିଲ ୧ ତାରିଖ ଠାରୁ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ |
| ୩ | ଉଭୟ ଋଣୀ ଓ ଅଣଋଣୀ ଚାଷୀଙ୍କ ଠାରୁ ଆବେଦନ ଗ୍ରହଣ ଏବଂ ଚାଷୀଙ୍କ ଏକାଉଣ୍ଟରୁ ବୀମା ପ୍ରିମିୟମ କଟାଯିବା ଶେଷ ତାରିଖ | ୨୦୧୬ ମସିହା ଜୁଲାଇ ମାସ ୩୧ ତାରିଖ |

## ବୀମାକରଣ ପ୍ରକ୍ରିୟାର ସମୟସୂଚୀ

| କ୍ର.ନଂ. | କାର୍ଯ୍ୟକ୍ରମ | ଖରିଫ ଋତୁ ପାଇଁ ସମୟସୂଚୀ |
|---|---|---|
| ୪ | ଋଣୀ ଓ ଅଣଋଣୀ ଚାଷୀଙ୍କଠାରୁ ଗ୍ରହଣ କରାଯାଇଥିବା ଘୋଷଣାପତ୍ର / ବୀମା ଆବେଦନପତ୍ରକୁ ବ୍ୟାଙ୍କଶାଖାରୁ ସଂପୃକ୍ତ ବୀମା କମ୍ପାନୀକୁ ପ୍ରେରଣ ଅଥବା ପ୍ରାଥମିକ ସେବା ସମବାୟ ସମିତିରୁ ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କକୁ ପ୍ରେରଣ | ଆବେଦନର ଶେଷ ତାରିଖଠାରୁ ଋଣୀ ଚାଷୀଙ୍କ ପାଇଁ ପନ୍ଦର ଦିନ ଓ ଅଣଋଣୀ ଚାଷୀଙ୍କ ପାଇଁ ସାତ ଦିନ ମଧ୍ୟରେ |
| ୫ | ସ୍ୱେଚ୍ଛାକୃତ ଭାବେ ଏହି ଯୋଜନାରେ ଯୋଗ ଦେଉଥିବା ଚାଷୀଙ୍କ ଘୋଷଣା ପତ୍ର ବୀମା ଏଜେଣ୍ଟଙ୍କ ପାଖରୁ ବୀମା କମ୍ପାନୀକୁ ପ୍ରେରଣ | ଘୋଷଣାପତ୍ର ବା ପ୍ରିମିୟମ୍ ଗ୍ରହଣ କରିବାର ସାତ ଦିନ ଭିତରେ |

## ବୀମାକରଣ ପ୍ରକ୍ରିୟାର ସମୟସୂଚୀ

| କ୍ର.ନଂ. | କାର୍ଯ୍ୟକ୍ରମ | ଖରିଫ ଋତୁ ପାଇଁ ସମୟସୂଚୀ |
|---|---|---|
| ୬ | ଋଣୀ ଓ ଅଣଋଣୀ ଚାଷୀଙ୍କ ଆବେଦନପତ୍ରକୁ / ଘୋଷଣାପତ୍ରକୁ ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ୍ ବା ନୋଡ଼ାଲ ବ୍ୟାଙ୍କ୍ ପାଖରୁ ବୀମା କମ୍ପାନୀକୁ ପ୍ରେରଣ | ସଂପୃକ୍ତ ନୋଡ଼ାଲ ବ୍ୟାଙ୍କ୍ ପାଖରେ ଘୋଷଣାପତ୍ର ପହଞ୍ଚିବାର ସାତ ଦିନ ମଧ୍ୟରେ |
| ୭ | ବ୍ୟବସାୟିକ ବ୍ୟାଙ୍କ୍, ଗ୍ରାମ୍ୟ ବ୍ୟାଙ୍କ୍, ପ୍ରାଥମିକ ସମବାୟ ସମିତି ବା ଅନ୍ୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ବୀମାଭୁକ୍ତ ଚାଷୀଙ୍କ ତଥ୍ୟ ୱେବ୍‌ସାଇଟରେ ଅପଲୋଡ୍ କରାଯିବ | କୃଷକଙ୍କ ଠାରୁ ବୀମା ପ୍ରିମିୟମ୍ ଗ୍ରହଣ କରିବା ଶେଷ ତାରିଖର ୧୫ ଦିନ ମଧ୍ୟରେ |
| ୮ | ଅମଳ ତଥ୍ୟ ପାଇବାର ଶେଷ ତାରିଖ | ୨୦୧୭ ମହିସା ଜାନୁଆରୀ ୩୧ ତାରିଖ |
| ୯ | ଅମଳ ତଥ୍ୟ ଉପରେ ଆଧାର କରି କ୍ଷତିପୂରଣ ଅର୍ଥର ପ୍ରକ୍ରିୟାକରଣ, ଅନୁମୋଦନ ଓ ପ୍ରଦାନ | ଅମଳ ତଥ୍ୟ ପାଇବାର ତିନି ସପ୍ତାହ ମଧ୍ୟରେ |

 କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରାଳୟ, ଭାରତ ସରକାର

**କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ**



# ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା

(କମ୍ ପ୍ରିମିୟମ ଦର, ଅଧିକ ଲାଭ)

## ତଦାରଖ ବ୍ୟବସ୍ଥା

| ମନିଟରିଂ କମିଟି | ଅଧ୍ୟକ୍ଷ | ଆବାହକ |
|---|---|---|
| ରାଜ୍ୟ ସ୍ତର | କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ | କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟର କମିଶନର ତଥା ନିର୍ଦ୍ଦେଶକ |
| ଜିଲ୍ଲା ସ୍ତର | ଜିଲ୍ଲାପାଳ | କୃଷି ଉପନିର୍ଦ୍ଦେଶକ |
| ବ୍ଲକ୍ ସ୍ତର | ତହସିଲଦାର | ସହକାରୀ କୃଷି ଅଧିକାରୀ |

## କ୍ଲଷ୍ଟର ଗଠନ

| କ୍ଲଷ୍ଟର | ଜିଲ୍ଲା |
|---|---|
| ୧ | ବଲାଙ୍ଗିର, ଅନୁଗୋଳ, କଂଧମାଳ, ଗଜପତି, କୋରାପୁଟ |
| ୨ | ନୟାଗଡ଼, ଖୋର୍ଦ୍ଧା, ଝାରସୁଗୁଡ଼ା, କେନ୍ଦୁଝର, ସୁନ୍ଦରଗଡ଼ |
| ୩ | ନୂଆପଡ଼ା, ବୌଦ୍ଧ, ପୁରୀ, ବାଲେଶ୍ୱର, ଢେଙ୍କାନାଳ |
| ୪ | କଳାହାଣ୍ଡି, କଟକ, ନବରଙ୍ଗପୁର, ଭଦ୍ରକ, କେନ୍ଦ୍ରାପଡ଼ା |
| ୫ | ସୁବର୍ଣ୍ଣପୁର, ବରଗଡ଼, ମୟୂରଭଞ୍ଜ, ଜଗତସିଂହପୁର, ରାୟଗଡ଼ା |
| ୬ | ଯାଜପୁର, ସଂବଲପୁର, ଦେବଗଡ଼, ମାଲକାନଗିରି, ଗଞ୍ଜାମ |

## ଅଧିକ ତଥ୍ୟ ପାଇବା ପାଇଁ ଯୋଗାଯୋଗ କରନ୍ତୁ

- ନିକଟସ୍ଥ ସମବାୟ ସମିତି, ବ୍ୟାଙ୍କ୍ ବା କୃଷି ଅଧିକାରୀ
- www.agri-insurance.gov.in

# ଧନ୍ୟବାଦ

**କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରାଳୟ, ଭାରତ ସରକାର**

**କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ**